ପ୍ରଦୀପ ଚନ୍ଦ୍ର ପରିଜା ଏବଂ ଅନ୍ୟମାନେ

ବନାମ

ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ଏବଂ ଅନ୍ୟମାନେ

ଡିସେମ୍ବର 4, 2001

[ଏସ୍. ପି. ଭରୁଚା, ମୁଖ୍ୟ ନ୍ୟାୟାଧୀଶ, ସୟଦ ଶାହ ମହମ୍ମଦ କାଦରୀ, ଉମେଶ ଚ. ବାନାର୍ଜୀ, ଏସ୍. ଏନ୍. ଭାରିଆଭା ଏବଂ ଶିବରାଜ ଭି. ପାଟିଲ୍, ନ୍ୟାୟାଧୀଶଗଣ]

*ଭାରତର ସମ୍ବିଧାନ, 1950/ସର୍ବୋଚ୍ଚ ନ୍ୟାୟାଳୟ ନିୟମ 1960 ।*

*ଅନୁଚ୍ଛେଦ 145(2) ଏବଂ (3) / ଆଦେଶ VII, ନିୟମ (1) ଏବଂ (2)- ସର୍ବୋଚ୍ଚ ନ୍ୟାୟାଳୟ- ଖଣ୍ଡପୀଠଗୁଡ଼ିକର ଗଠନ ଏବଂ କ୍ଷୁଦ୍ର ଖଣ୍ଡପୀଠ ଦ୍ୱାରା ମାମଲାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇବା- ଏକ ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ପୂର୍ବବର୍ତ୍ତୀ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ନିର୍ଣ୍ଣୟ ସହ ସହମତ ନ ହୋଇ ଏହି ମାମଲାକୁ ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ପଠାଇବା- କୁହାଗଲା, ନ୍ୟାୟିକ ଅନୁଶାସନ ଏବଂ ଔଚିତ୍ୟ ଦାବି କରେ ଯେ ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ନିଷ୍ପତ୍ତିକୁ ଅନୁସରଣ କରିବା ଉଚିତ- କିନ୍ତୁ, ଯଦି ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ଏହି ଉପସଂହାରରେ ଉପନୀତ ହୁଅନ୍ତି ଯେ ତିନି ଜଣିଆ ନ୍ୟାୟାଧୀଶଙ୍କ ପୂର୍ବବର୍ତ୍ତୀ ରାୟ ଏତେ ଭୁଲ୍ ଯେ ଏହା କୌଣସି ପରିସ୍ଥିତିରେ ଅନୁସରଣୀୟ ନୁହେଁ, ତେବେ ଏହାକୁ ଗ୍ରହଣ କରିବା ପାଇଁ ଉପଯୁକ୍ତ ଉପାୟ ହେଉଛି ଯେଉଁ କାରଣରୁ ଏହା ପୂର୍ବ ରାୟ ସହ ସହମତ ହୋଇପାରିଲା ନାହିଁ ସେଗୁଡ଼ିକୁ ଦର୍ଶାଇ ଏହି ମାମଲାକୁ ତିନି ଜଣିଆ ନ୍ୟାୟାଧୀଶଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠକୁ ବିଚାରାର୍ଥେ ପଠାଇବା- ଯଦି, ତିନି ଜଣ ନ୍ୟାୟାଧୀଶ ମଧ୍ୟ ଏହି ଉପସଂହାରରେ ପହଞ୍ଚନ୍ତି ଯେ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ପୂର୍ବ ରାୟ ଭୁଲ, ତେବେ ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠକୁ ବିଚାରାର୍ଥେ ପଠେଇବା ଯଥାର୍ଥ- ଏକମାତ୍ର ପରିସ୍ଥିତିରେ ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ କୌଣସି ମାମଲାକୁ ସିଧାସଳଖ ସମ୍ବିଧାନ ଖଣ୍ଡପୀଠକୁ ପଠାଇପାରନ୍ତି, ଯେତେବେଳେ ଅନୁଚ୍ଛେଦ 145 ର ଖଣ୍ଡ(3) ର ବ୍ୟବସ୍ଥାଗୁଡ଼ିକ ଆକର୍ଷିତ ହୁଏ- ତତ୍କାଳୀନ ମାମଲାରେ ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ତିନି ଜଣିଆ ଖଣ୍ଡପୀଠର ରାୟର ସଠିକତା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି- ଏକ ନ୍ୟାୟିକ ଆଦେଶ  ଦ୍ୱାରା ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ ଥିବା ମାମଲାକୁ ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା- ମୁଖ୍ୟ ବିଚାରପତି, ବାଦ ତାଲିକାର କର୍ତ୍ତା ଭାବରେ, କେବଳ ପରିଣାମସ୍ୱରୂପ ପ୍ରଶାସନିକ ନିର୍ଦ୍ଦେଶ ଜାରି କରିବା ଆବଶ୍ୟକ ଥିଲା- ମାମଲା କେବଳ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ପଠାଯାଇ ପାରିଥାନ୍ତା- ସେହି ଅନୁଯାୟୀ, ସେଗୁଡିକ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପିତ କରାଯିବ -ନ୍ୟାୟିକ ଅନୁଶାସନ- ନ୍ୟାୟିକ ଔଚିତ୍ୟ ।*

*ନିତ୍ୟାନନ୍ଦ କର ଏବଂ ଅନ୍ୟ ଜଣେ ଇତ୍ୟାଦି ବନାମ  ଓଡ଼ିଶା  ରାଜ୍ୟ ଏବଂ ଅନ୍ୟ ଜଣେ,* **[1990] ସପ୍ଲିମେଣ୍ଟ ।2 ଏସ୍ ସି ଆର୍ 644 କୁ, ଉଲ୍ଲେଖ କରାଯାଇଛି ।**

*ଭାରତ ପେଟ୍ରୋଲିୟମ ନିଗମ  ଲିମିଟେଡ ବନାମ ମୁମ୍ବାଇ ଶ୍ରମିକ ସଂଘ ଏବଂ ଅନ୍ୟମାନେ,* **[2001] 4 ଏସସିସି 448 ଏବଂ** *ନ୍ୟାୟିକ ଉତ୍ତରଦାୟିତ୍ୱ ଉପରେ ଉପ-କମିଟି ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1992] 4 ଏସସିସି 97, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା **791/1993**

ଟି. ଏ. ସଂଖ୍ୟା  402/1986 ରେ ଓଡ଼ିଶା  ପ୍ରଶାସନିକ ନ୍ୟାୟାଧିକରଣ, ଭୁବନେଶ୍ୱରର 23.4.91 ରାୟ  ତଥା ଆଦେଶରୁ ।

ଏଥିସହ

ଡବ୍ଲ୍ୟୁ. ପି. (ସି) ସଂଖ୍ୟା 611/ 1992 ।

ସୋଲୀ ଜେ. ସୋରାବଜୀ, ଆଟର୍ଣ୍ଣି ଜେନେରାଲ, ସୁଧୀର ଚନ୍ଦ୍ର ପରମାନନ୍ଦ ଗୌର, ଦୀପଙ୍କର ପି. ଗୁପ୍ତା, ସୁଚିତ ମହାନ୍ତି, ଅଭିଷ୍ଟ କୁମାର, ଅଭିଜିତ୍ ସେନଗୁପ୍ତା, ବିନୋ ଭଗତ, ଅଚିନ୍ତ୍ୟ ଦ୍ୱିବେଦୀ, ସୁଶ୍ରୀ ମନୀଷ ସିଂଭି, ସୁଶ୍ରୀ କୀର୍ତ୍ତି ମିଶ୍ର, ରାଜ କୁମାର ମେହେତା, ସୁଶ୍ରୀ ଏମ୍. ସାରଦା ଏବଂ ଅଭିଷେକ ଅୱସ୍ତି ଉପସ୍ଥିତ ପକ୍ଷମାନଙ୍କ ତରଫରୁ ।

ନ୍ୟାୟାଳୟର  ନିମ୍ନଲିଖିତ ଆଦେଶଟି ପ୍ରଦାନ କରାଯାଇଥିଲା:

ଦୁଇ ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠ ଦ୍ୱାରା 24 ଅକ୍ଟୋବର, 1996 ରେ ପାରିତ ହୋଇଥିବା ଏକ ଆଦେଶ  କାରଣରୁ ଏହି ମାମଲାଗୁଡ଼ିକ ପାଞ୍ଚ ଜଣ ନ୍ୟାୟାଧୀଶଙ୍କ ଏହି ଖଣ୍ଡପୀଠ ସମ୍ମୁଖରେ ରଖାଯାଇଥିଲା । ଏହି ବିଜ୍ଞ ନ୍ୟାୟାଧୀଶଦ୍ୱୟ ସେହି ଆଦେଶରେ କହିଥିଲେ ଯେ *ନିତ୍ୟାନନ୍ଦ କର ଏବଂ ଅନ୍ୟଜଣେ ବନାମ ଓଡ଼ିଶା ରାଜ୍ୟ ଏବଂ ଅନ୍ୟଜଣେ,* **[1991] ସପ୍ଲିମେଣ୍ଟ 2 ଏସ୍ ସି ଆର୍ 644** ଇତ୍ୟାଦି ମାମଲାରେ ଏହି ନ୍ୟାୟାଳୟର ରାୟ (ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠ ଦ୍ୱାରା ପ୍ରଦତ୍ତ) ମାଧ୍ୟମରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ଏବଂ ଯେ, "ଅତ୍ୟନ୍ତ ସମ୍ମାନର ସହ", ସେମାନେ "ସେଥିରେ ଥିବା ଯୁକ୍ତି ଓ ଉପନୀତ ହୋଇଥିବା ସିଦ୍ଧାନ୍ତଗୁଡ଼ିକ ସହିତ ସହମତ ନଥିଲେ"। ବିଜ୍ଞ ନ୍ୟାୟାଧୀଶମାନେ ଉକ୍ତ ରାୟରେ କେଉଁଥିପାଇଁ ସେମାନେ ଅସହମତି ପ୍ରକାଶ କରିଥିଲେ ତା'ର ଚାରି ଗୋଟି କାରଣ ଦର୍ଶାଇଥିଲେ । ଏହାପରେ ସେମାନେ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ବିଷୟଗୁଡ଼ିକୁ "ଏହି ନ୍ୟାୟାଳୟର ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଏକ ବୃହତ୍ତର ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପିତ କରାଯିବ । ଏହି ମାମଲାରେ ଉପଯୁକ୍ତ ଆଦେଶ ପାଇଁ ନିବନ୍ଧକଙ୍କ କାର୍ଯ୍ୟାଳୟ ମାନ୍ୟବର ପ୍ରଧାନ ନ୍ୟାୟାଧୀଶଙ୍କ ସମ୍ମୁଖରେ କାଗଜପତ୍ର ଉପସ୍ଥାପିତ କରିବେ ।

ପ୍ରଶ୍ନ ହେଉଛି ଏହି ନ୍ୟାୟାଳୟର ଦୁଇ ଜଣ ବିଜ୍ଞ ନ୍ୟାୟାଧୀଶ ଏହି ନ୍ୟାୟାଳୟର ତିନି ଜଣ ବିଜ୍ଞ ନ୍ୟାୟାଧୀଶଙ୍କ ରାୟ ସହ ଅସହମତି ପ୍ରକାଶ କରିପାରିବେ କି ଏବଂ ସେହି କାରଣରୁ, ସେମାନେ ସିଧାସଳଖ ଏକ ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ତାଙ୍କ ସମ୍ମୁଖରେ ଥିବା ମାମଲାକୁ ବିଚାରାର୍ଥେ ପଠାଇପାରିବେ କି?

ଆମ୍ଭେ, ପ୍ରାରମ୍ଭରେ, ସୂଚାଇ ପାରିବା ଯେ *ଭାରତ ପେଟ୍ରୋଲିୟମ ନିଗମ ଲିମିଟେଡ ବନାମ ମୁମ୍ବାଇ ଶ୍ରମିକ ସଂଘ ଏବଂ ଅନ୍ୟମାନେ,* **[2001] 4 ଏସ ସି ସି 448** ମାମଲାରେ, ଏକ ପାଞ୍ଚ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ପ୍ରାୟତଃ ସମାନ ପ୍ରଶ୍ନ ଉପରେ ବିଚାର କରିଥିଲେ । ସେହି ମାମଲାରେ ଦୁଇ ଜଣ ବିଜ୍ଞ ନ୍ୟାୟାଧୀଶ ଏକ ପୂର୍ବ ସମ୍ବିଧାନ ଖଣ୍ଡପୀଠ ରାୟରେ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ପାଇଁ ଉପସ୍ଥିତ ଥିବା ପରିସରଟିର ସଠିକତା ଉପରେ ସନ୍ଦେହ କରିଥିଲେ ଏବଂ ସେହି ଅନୁଯାୟୀ, ସେମାନଙ୍କ ସମ୍ମୁଖରେ ଥିବା ମାମଲାଟିକୁ ସିଧାସଳଖ ଏକ ସମ୍ବିଧାନ ଖଣ୍ଡପୀଠକୁ ପଠାଇଥିଲେ । ଏହି ମାମଲାର ସେତେବେଳର ଶୁଣାଣୀ କରୁଥିବା ସାମ୍ବିଧାନିକ ଖଣ୍ଡପୀଠ ମତବ୍ୟକ୍ତ କରିଥିଲେ ଯେ ଏକ ସାମ୍ବିଧାନିକ ଖଣ୍ଡପୀଠର ନିର୍ଣ୍ଣୟ ଦୁଇ ଜଣ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠକୁ ବାଧ୍ୟବାଧକତାର ଅଧୀନସ୍ଥ କରିଥାଏ ଏବଂ ନ୍ୟାୟିକ ଅନୁଶାସନ ଏହାର ସଠିକତା ବିଷୟରେ ସେମାନଙ୍କର ସନ୍ଦେହକୁ ଧ୍ୟାନ ନ ଦେଇ ନିର୍ବିଶେଷେ ଏହାକୁ ଅନୁସରଣ କରିବାକୁ ବାଧ୍ୟ କରେ । ବେଶୀରୁ ବେଶୀ, ଦୁଇ ଜଣ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ ତିନି ଜଣିଆ ବିଜ୍ଞ  ନ୍ୟାୟାଧୀଶଙ୍କ ଖଣ୍ଡପୀଠ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେଇପାରିଥାନ୍ତେ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 145, ଅନୁଚ୍ଛେଦ (2) ଏବଂ (3) ର ବ୍ୟବସ୍ଥା ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ । ଖଣ୍ଡ (2) କୌଣସି ଉଦ୍ଦେଶ୍ୟରେ ବସିବା ପାଇଁ ଏହି ନ୍ୟାୟାଳୟର ସର୍ବନିମ୍ନ ନ୍ୟାୟାଧୀଶ ସଂଖ୍ୟା ସ୍ଥିର କରିବା ପାଇଁ ନିୟମ ପ୍ରସ୍ତୁତ କରିବାର କ୍ଷମତା ପ୍ରଦାନ କରିଥାଏ । ଖଣ୍ଡ (3) ରେ କୁହାଯାଇଛି ଯେ ଆଇନର କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହିତ ଜଡିତ କୌଣସି ମାମଲା ସମ୍ବିଧାନର ବ୍ୟାଖ୍ୟା ବିଷୟରେ ହେଉ କିମ୍ବା ଅନୁଚ୍ଛେଦ 143 ଅଧୀନରେ କୌଣସି ସନ୍ଦର୍ଭିତ ଶୁଣାଣୀର ଉଦ୍ଦେଶ୍ୟ ପାଇଁ ଯେଉଁ ନ୍ୟାୟାଧୀଶମାନେ ନିଷ୍ପତ୍ତି ନେବା ଉଦ୍ଦେଶ୍ୟରେ ବସିବେ ସେମାନଙ୍କ ସଂଖ୍ୟା  ପାଞ୍ଚ ହେବ । ବିଜ୍ଞ ଅଧିବକ୍ତା ସର୍ବୋଚ୍ଚ ନ୍ୟାୟାଳୟ  ନିୟମ, 1966 ର ଆଦେଶ VII, ନିୟମାବଳୀ  (1) ଏବଂ (2) ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ । ନିୟମ (1) ରେ କୁହାଯାଇଛି ଯେ ପ୍ରତ୍ୟେକ ବାଦ, ଆବେଦନ କିମ୍ବା ମାମଲାର ଶୁଣାଣୀ ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ମନୋନୀତ ଦୁଇ ଜଣ ନ୍ୟାୟାଧୀଶଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଦ୍ୱାରା କରାଯିବ । ଖଣ୍ଡ(2) ରେ କୁହାଯାଇଛି ଯେ, କୌଣସି ବାଦ, ଆବେଦନ କିମ୍ବା କାର୍ଯ୍ୟାନୁଷ୍ଠାନର ଶୁଣାଣୀ ସମୟରେ, ଏକ ଖଣ୍ଡପୀଠ ବିଚାର କରନ୍ତି ଯେ ଏହି ମାମଲା ଏକ ବୃହତ୍ତର ଖଣ୍ଡପୀଠ ଦ୍ୱାରା ପରିଚାଳନା କରାଯିବା ଉଚିତ; ତେବେ ଏହା ମାମଲାଟିକୁ ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟକୁ ପଠାଇବେ, ଯିଏ ତା 'ପରେ ଏହାର ଶୁଣାଣୀ ପାଇଁ ଏପରି ଏକ ଖଣ୍ଡପୀଠ ଗଠନ କରିବେ । ବିଜ୍ଞ ଅଧିବକ୍ତା ଦର୍ଶାଇଥିଲେ ଯେ ଏହି ମାମଲାରେ ବିଚାରାର୍ଥେ ପ୍ରେରଣ କରିଥିବା ଦୁଇ ବିଜ୍ଞ ନ୍ୟାୟାଧୀଶ ବିଶିଷ୍ଟ ଖଣ୍ଡପୀଠ *ନିତ୍ୟାନନ୍ଦ କରଙ୍କ* ମାମଲାରେ ତିନି ବିଜ୍ଞ ନ୍ୟାୟାଧୀଶଙ୍କ ରାୟକୁ ନାକଚ କରିନାହାନ୍ତି, ଯେ'ପରି ସେମାନେ ପୂର୍ବ ସାମ୍ବିଧାନିକ ଖଣ୍ଡପୀଠର ରାୟ ଆଧାରରେ କରିପାରିଥା'ନ୍ତେ (ଯାହା, ସଂଯୋଗବଶତଃ, ବିଚାରାର୍ଥେ ପ୍ରେରଣ ଆଦେଶରେ ମଧ୍ୟ ଦର୍ଶାଯାଇନାହିଁ), ବରଂ ଏହାକୁ ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟକୁ ପଠାଇବାକୁ ପସନ୍ଦ କରିଥିଲେ ଯିଏ ଏକ ସାମ୍ବିଧାନିକ ଖଣ୍ଡପୀଠ ଗଠନ କରିଥିଲେ । ଶ୍ରୀମାନ ଓକିଲଙ୍କ ଉପସ୍ଥାପନରେ, ପରିସ୍ଥିତି ସୃଷ୍ଟି ହୋଇପାରେ ଯେଉଁଠାରେ ଦୁଇ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠ ସିଧାସଳଖ ଏକ ସାମ୍ବିଧାନିକ ଖଣ୍ଡପୀଠକୁ ଏକ ବିଚାରାର୍ଥେ ପ୍ରେରଣ କରିବା ପାଇଁ ଅନୁମତି ପ୍ରାପ୍ତ ହେବ; ଉଦାହରଣ ସ୍ୱରୂପ, ଯେତେବେଳେ ଏକ ସାମ୍ବିଧାନିକ ଖଣ୍ଡପୀଠର ଦୁଇଟି ରାୟ ପରସ୍ପର ସହ ଦ୍ୱନ୍ଦରେ ଥିଲେ କିମ୍ବା ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ରାୟ ଅସାବଧାନତାରେ ଦିଆଯାଇଥିଲେ । ବିଜ୍ଞ ଅଧିବକ୍ତାଙ୍କ

ନିବେଦନରେ, ବର୍ତ୍ତମାନ ଏକ ମାମଲା ଥିଲା ଯାହା ସିଧାସଳଖ ଏକ ସମ୍ବିଧାନ ଖଣ୍ଡପୀଠକୁ ବିଚାରାର୍ଥେ ପ୍ରେରଣକୁ ନ୍ୟାୟସଙ୍ଗତ କରିଥିଲା ।

ବିଜ୍ଞ ଆଟର୍ଣ୍ଣି ଜେନେରାଲ ନିବେଦନ କରିଥିଲେ ଯେ ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠର ରାୟ, କ୍ଷୁଦ୍ର ଖଣ୍ଡପୀଠ ପାଇଁ ବାଧ୍ୟତାମୂଳକ ଥିଲା ଏବଂ ତିନି ଜଣ ବିଜ୍ଞ ନ୍ୟାୟାଧୀଶଙ୍କ ରାୟ ଦୁଇ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ପାଇଁ ବାଧ୍ୟତାମୂଳକ ଥିଲା - ଏକ ପ୍ରସ୍ତାବ ଯାହାକୁ ଆବେଦନକାରୀଙ୍କ ବିଜ୍ଞ ଓକିଲ ବିବାଦ କରିନଥିଲେ । ବିଜ୍ଞ ଆଟର୍ଣ୍ଣି ଜେନେରାଲ *ନ୍ୟାୟିକ ଉତ୍ତରଦାୟିତ୍ୱ ଉପରେ ଉପ-କମିଟି ବନାମ ଭାରତ ସଂଘ ଏବଂ ଅନ୍ୟମାନେ*, [1992] 4 ଏସ ସି ସି 97 ରେ ପ୍ରଦତ୍ତ ଏକ ସାମ୍ବିଧାନିକ ଖଣ୍ଡପୀଠର ରାୟ ପ୍ରତି ଆମ୍ଭର ଧ୍ୟାନ ଆକର୍ଷଣ କରିଥିଲେ ଯେଉଁଠାରେ ଏହା କୁହାଯାଇଛି ଯେ "ଏହି ନ୍ୟାୟାଳୟର କୌଣସି ସମନ୍ୱୟ ଖଣ୍ଡପୀଠ ଅନ୍ୟ କୌଣସି ସମନ୍ୱୟ ଖଣ୍ଡପୀଠ ସମ୍ମୁଖରେ ଥିବା କୌଣସି ବାଦ କିମ୍ବା ମାମଲାରେ, ବିଚାରରେ ବସିବା ତ ଦୂରର କଥା, ପ୍ରୟୋଗ କରାଯାଇଥିବା ବିବେକ କିମ୍ବା ପ୍ରଦତ୍ତ ରାୟ ଉପରେ ମନ୍ତବ୍ୟ ମଧ୍ୟ ଦେଇପାରିବେ ନାହିଁ ।" ବିଜ୍ଞ ଆଟର୍ଣ୍ଣି ଜେନେରାଲ ନିବେଦନ କରିଥିଲେ ଯେ ଦୁଇ ବିଜ୍ଞ ନ୍ୟାୟାଧୀଶ ବିଶିଷ୍ଟ ଖଣ୍ଡପୀଠ ଦ୍ୱାରା ଗ୍ରହଣ କରିବା ପାଇଁ ଉପଯୁକ୍ତ ବାଟ ଏହା ଥିଲା ଯେ, ଯଦି ଏହା ଏତେ ଦୃଢ ଭାବରେ ଅନୁଭବ କଲେ ଯେ *ନିତ୍ୟାନନ୍ଦ କର* ମାମଲାରେ ଭୁଲ ରାୟ ଦିଆଯାଇଥିଲା, ତେବେ ତିନି ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ବିଚାରାର୍ଥେ ପଠେଇବାର ଥିଲା । ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶ ବିଶିଷ୍ଟ ଖଣ୍ଡପୀଠ ମଧ୍ୟ ଯଦି *ନିତ୍ୟାନନ୍ଦ କର* ମାମଲାରେ ସମ ମତପୋଷଣ କରିଥାନ୍ତେ, ତେବେ ଏହି ମାମଲାକୁ ପାଞ୍ଚ ଜଣିଆ ବିଜ୍ଞ ନ୍ୟାୟାଧୀଶ ବିଶିଷ୍ଟ ଖଣ୍ଡପୀଠକୁ ପଠାଇ ପାରିଥା'ନ୍ତେ ।

ବର୍ତ୍ତମାନର ମାମଲାରେ ଦୁଇ ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠ , ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ନିର୍ଣ୍ଣୟର ସଠିକତା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି । ତେଣୁ ସେମାନେ ଏହି ମାମଲାକୁ ସିଧାସଳଖ ପାଞ୍ଚ ଜଣିଆ ବିଜ୍ଞ ନ୍ୟାୟାଧୀଶ ଖଣ୍ଡପୀଠକୁ ପଠାଇଛନ୍ତି, ଆମ୍ଭ ମତରେ, ନ୍ୟାୟିକ ଅନୁଶାସନ ଏବଂ ଔଚିତ୍ୟ ଦାବି କରେ ଯେ ଦୁଇ ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ନିର୍ଣ୍ଣୟକୁ ଅନୁସରଣ କରିବା ଉଚିତ୍ । କିନ୍ତୁ ଯଦି ଦୁଇ ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠ ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ପୂର୍ବ ରାୟ ଏତେ ଭୁଲ୍ ଯେ କୌଣସି ପରିସ୍ଥିତିରେ ଏହାକୁ ଅନୁସରଣ କରାଯାଇପାରିବ ନାହିଁ, ତେବେ ଏହା ପାଇଁ ଗ୍ରହଣୀୟ ଉପଯୁକ୍ତ ଉପାୟ ଏହା ସମ୍ମୁଖରେ ଥିବା ମାମଲାକୁ ପୂର୍ବ ରାୟ ସହିତ ଏହା ସହମତ ନ ହୋଇପାରିବାର କାରଣ ଦର୍ଶାଇ ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠକୁ ପଠାଇବା ଅଟେ, ଯେପରି କି ଏଠାରେ କରାଯାଇଛି । ଯଦି, ତା'ପରେ ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶ ବିଶିଷ୍ଟ ଖଣ୍ଡପୀଠ ମଧ୍ୟ ଏହି ଉପସଂହାର ପହଞ୍ଚନ୍ତି ଯେ ତିନି ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠର ପୂର୍ବ ରାୟଟି ଭୁଲ, ତେବେ ପାଞ୍ଚ ଜଣିଆ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ବିଚାରାର୍ଥେ ପ୍ରେରଣ କରିବା ଯଥାର୍ଥ ।

ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା କୁହାଯାଇଥିବା ପରିକଳ୍ପନା ଆଧାରିତ ମାମଲା ଭିତରକୁ ଯିବା ଆମ୍ଭ ପାଇଁ ଆବଶ୍ୟକ ନୁହେଁ, ଯେଉଁଠାରେ ଦୁଇ ବିଜ୍ଞ ନ୍ୟାୟାଧୀଶଙ୍କ ଖଣ୍ଡପୀଠଙ୍କ ଦ୍ୱାରା ସିଧାସଳଖ ଏକ ସାମ୍ବିଧାନିକ ଖଣ୍ଡପୀଠକୁ ଏକ ବିଚାରାର୍ଥେ ପ୍ରେରଣ କରିବା ନ୍ୟାୟସଙ୍ଗତ ହେବ । ଏହା କହିବା ଯଥେଷ୍ଟ ଯେ, ବର୍ତ୍ତମାନ ପାଇଁ, ଏପରି

ପରିକଳ୍ପନାର ସଠିକତାକୁ ଗ୍ରହଣ କରିବା ଅତ୍ୟନ୍ତ କଷ୍ଟକର ବୋଲି ଆମ୍ଭେ ମନେ କରୁ । ଯେତେବେଳେ ବିଚାରାର୍ଥେ ପ୍ରେରଣ ପାଇଁ 145(3) ର ବ୍ୟବସ୍ଥା ଆକର୍ଷିତ ହୁଏ, ସେତେବେଳେ ଏହା ଏକମାତ୍ର ପରିସ୍ଥିତି ଅଟେ ଯେତେବେଳେ ଦୁଇ ଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସିଧାସଳଖ ଏକ ସାମ୍ବିଧାନିକ ଖଣ୍ଡପୀଠକୁ ଏକ ମାମଲା ବିଚାରାର୍ଥେ ପଠାଇପାରନ୍ତି ।

ଆମ୍ଭେ ବର୍ତ୍ତମାନର ମାମଲାରେ ବିଚାରାର୍ଥେ ପ୍ରେରଣ ଆଦେଶର ପ୍ରାସଙ୍ଗିକ ଅଂଶକୁ ଉଦ୍ଧୃତ କରିଛୁ । ଏକ ନ୍ୟାୟିକ ଆଦେଶ ଦ୍ୱାରା ଦୁଇ ଜଣିଆ ବିଞ୍ଚ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ ଥିବା ମାମଲାଗୁଡ଼ିକୁ ପାଞ୍ଚ ଜଣ ବିଞ୍ଚ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ମୁଖ୍ୟ ନ୍ୟାୟାଧୀଶ, ବାଦ ତାଲିକାର କର୍ତ୍ତା ଭାବରେ, କେବଳ ଫଳସ୍ୱରୂପ ପ୍ରଶାସନିକ ନିର୍ଦ୍ଦେଶାବଳୀମାନ ଜାରି କରିବା ଆବଶ୍ୟକ ଥିଲା ।

ଫଳସ୍ୱରୂପ, ଆମ୍ଭର ମତ ହେଉଛି ଯେ ଏହି ବିଷୟଗୁଡ଼ିକ କେବଳ ତିନି ଜଣିଆ ବିଞ୍ଚ ନ୍ୟାୟାଧୀଶଙ୍କ ଖଣ୍ଡପୀଠକୁ ପଠାଯାଇ ପାରିଥାନ୍ତା । ତଦନୁସାରେ, ଆମ୍ଭେ ଆଦେଶ  ଦେଉଛୁ ଯେ ସେଗୁଡିକୁ ତିନି ଜଣିଆ ବିଞ୍ଚ  ନ୍ୟାୟାଧୀଶଙ୍କ ଏକ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପିତ କରାଯିବ । ସମୟ ଚ୍ୟୁତିକୁ ଦୃଷ୍ଟିରେ ରଖି, ସେଗୁଡିକୁ ଜାନୁଆରୀ, 2002 ରେ ଏହିପରି ଉପସ୍ଥାପିତ କରାଯିବ ।

ଆର୍. ପି.

ମାମଲା ଏବେ ବି ବିଚାରାଧୀନ ଅଟେ ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**